# ଖରିଫ-୨୦୨୦ କୃଷି ନୀତି ନର୍ଦ୍ଧାରଣ କମିଟୀ ବୈଠକ ।

ଅନୁଗୋଳ,୨୮.୫ :- ଚଳିତ ଖରିଫ କୃଷି ନୀତି ନିର୍ଦ୍ଧାରଣ କମିଟୀ ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି ଓ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ ଯୋଗ ଦେଇଥିଲେ । କରୋନା ସଂକ୍ରମଣ ବ୍ୟାପୁଥିବାରୁ ବାହାର ରାଜ୍ୟରୁ ପ୍ରବାସି ଶ୍ରମିକମାନେ ଆମ ଜିଲ୍ଲାକୁ ଫେରୁଛନ୍ତି । ସେମାନଂକର ଜୀବନ ଜିବିକାକୁ ଦୃଷ୍ଟିରେ ରଖି ଚାଷ କାର୍ଯ୍ୟରେ ସେମାନଂକୁ ନିୟୋଜିତ କରିବା ନିମନ୍ତେ ସମସ୍ତ କୃଷି ଭିତ୍ତିକ ଯୋଜନାକୁ ସଫଳତାର ସହିତ କାର୍ଯ୍ୟକାରୀ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । କୃଷି ଓ ଏହାର ଆନୁସଂଗିକ ବିଭାଗର କ୍ଷେତ୍ର କର୍ମଚାରୀମାନେ ଗ୍ରାମାଂଚଳକୁ ଫେରୁଥିବା ଶ୍ରମିକମାନଂକୁ ବିଭିନ୍ନ ଚାଷ କାର୍ଯ୍ୟ କରି କିପରି ନିଜର ଜିବିକା ନିର୍ବାହ କରିପାରିବେ ସେଥିପ୍ରତି ବିଶେଷ ଯତ୍ନବାନ ହେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ପ୍ରାରମ୍ଭରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଭୋଲା ଶଂକର ବେହେରା ସମସ୍ତଂକୁ ସ୍ୱାଗତ ଜଣାଇବା ସହ ଗତ ରବି ୨୦୧୯-୨୦ ରେ କାର୍ଯ୍ୟକାରୀ ହୋଇଥିବା ଯୋଜନାର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ । କୃଷି ଓ ଏହାର ଆନୁସଂଗୀକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସହ ଜିଲ୍ଲାରେ ଜଳସେଚନ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଜିଲ୍ଲାରେ ଥିବା ବିଭିନ୍ନ ଜଳ ଉତ୍ସ ଗୁଡିକରୁ ଚାଷ କାର୍ଯ୍ୟ ପାଇଁ ଆବଶ୍ୟକ ପାଣି କିପରି ଯୋଗାଇ ଦିଆଯାଇପାରିବ ସେଥିପାଇଁ ବିଭାଗୀୟ କର୍ମକର୍ତ୍ତାମାନେ ବିଶେଷ ଧ୍ୟାନ ଦେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଚଳିତ ବର୍ଷ ଜିଲ୍ଲାରେ ହୋଇଥିବା ବର୍ଷା ଓ ଉପଲବଧ ଜଳସେଚନର ସୁବିଧାକୁ ଦୃଷ୍ଟିରେ ରଖି ଖରିଫ ଋତୁରେ ଜିଲ୍ଲାରେ ୮୩ ହଜାର ୮୪୮ ହେକ୍ଟର ଧାନ,୩ ହଜାର ୨୦୨

ହେକ୍ଟର ଅଣ-ଧାନ ଏହିପରି ମୋଟ ୮୭ ହଜାର ୫୦ ହେକ୍ଟର ଫସଲ ଖସଡା ପ୍ରସ୍ତୁତ ହୋଇଛି । ଜିଲ୍ଲାରେ ଥିବା ବିଭିନ୍ନ ଜଳସେଚନ ଉତ୍ସରୁ ୬୮ ହଜାର ୪୫୮ ହେକ୍ଟର ଫସଲକୁ ଜଳସେଚନ ଯୋଗାଇ ଦିଆଯିବାର ଯୋଜନା ରହିଛି । ଚଳିତ ଖରିଫ ଋତୁରେ ଜିଲ୍ଲାର ୧୦୩ଟି କୃଷି ସମବାୟ ସମିତି ମାଧ୍ୟମରେ୧୨ ହଜାର ୩୨୮ କ୍ୱିଣ୍ଟାଲ ଧାନ, ୧୦୦ କ୍ୱିଣ୍ଟାଲ ବିରି, ୩୦ କ୍ୱିଣ୍ଟାଲ ହରଡ, ୧୦୦ କ୍ୱିଣ୍ଟାଲ ଚିନାବାଦାମ ଓ ୬୦ କ୍ୱିଣ୍ଟାଲ ଧନିଚା ବିହନ ଡି. ବି. ଟି ମାଧ୍ୟମରେ ବିକ୍ରୟ କରାଯିବ । ଡି .ଆର .ସି .ସି ଓ ଅନୁଗୋଳ ସଂଯୁକ୍ତ ସମବାୟ ବ୍ୟାଂକର ସମ୍ପାଦକ ଏହି ବିହନ ବିକ୍ରୟ କାର୍ଯ୍ୟକୁ ସଠିକ୍ ଭାବେ ପରିଚାଳନା କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଚଳିତ ବର୍ଷ ସରକାରଂକ ତରଫରୁ ବିଭିନ୍ନ କୃଷି ସମବାୟ ସମିତି ମାଧ୍ୟମରେ ଚାଷୀମାନେ ରିହାତି ଦରରେ ଧାନ ବିହନ କ୍ୱିଣ୍ଟାଲ ପ୍ରତି ୨୨୫୦ ( ୧୦ ବର୍ଷ ପୂର୍ବରୁ ଯୋଗାଇ ଦିଆଯାଉଥିବା ପୁରୁଣା ଧାନ) ଓ ୧୯୫୦ ( ୧୦ ବର୍ଷ ମଧ୍ୟରେ ଯୋଗାଇ ଦିଆଯାଉଥିବା ପୁରୁଣା ଧାନ) ଟଂକାରେ କିଣିବେ । ଚଳିତ ଖରିଫ ଋତୁରେ ସମବାୟ ଓ ବ୍ୟବସାୟୀକ ବ୍ୟାଂକ ମାଧ୍ୟମରେ ଚାଷୀମାନଂକୁ ୩୧୦ କୋଟି ଟଂକାର ଋଣ ଯୋଗାଇ ଦିଆଯିବ । ଚଳିତ ଖରିଫ ଋତୁ ପାଇଁ ୧୪ ହଜାର ୨୦୦ ମେଟ୍ରିକ ଟନ ସାର ଦରକାର । ବର୍ତ୍ତମାନ ୫୦୦ ଟନ୍ ୟୁରିଆ ସାର ଗଛିତ ଅଛି ବୋଲି ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରକାଶ କରିଥିଲେ । ଏହି ବୈଠକରେ କୃଷି ବିଜ୍ଞାନ କେନ୍ଦ୍ର,ମତ୍ସ୍ୟ ବିଭାଗ, ଉଦ୍ୟାନ ବିଭାଗ ଓ ବିଭିନ୍ନ ଜଳସେଚନ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ । ଏହି ବୈଠକରେ କୃଷି ଓ ଏହାର ଆନୁସଂଗୀକ ବିଭାଗ ଗୁଡିକର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।


TOILET

